**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**11 August - 2024**

**News Editor : *Itishree Singh Rathaur***

---

# ହର ଘର ତ୍ରିରଙ୍ଗା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ହର ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇ ଦେଶ ପ୍ରତି ନିଜର ଭାବନାକୁ ଜାଗ୍ରତ ଓ ଜୀବନ୍ତ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି, ପ୍ରତ୍ୟେକ ଦେଶବାସୀଙ୍କୁ ଜାତୀୟ ପତାକାର ମହତ୍ୱକୁ ଉପଲବ୍ଧ କରାଇବା ଏହି ଅଭିଯାନର ଉଦ୍ଦେଶ୍ୟ ଅଟେ । ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ନିଜ ଘରେ ଜାତୀୟ ପତାକା ଉତ୍ତୋଳନ କରି 'ହର ଘର ତ୍ରିରଙ୍ଗା ଡଟ୍ କମ୍'ରେ ସେଲଫି ଅପ୍‌ଲୋଡ କରିବାକୁ କହିଛନ୍ତି ।

---

# ହର ଘର ତ୍ରିରଙ୍ଗା ଅଭିଯାନ-ବୈଠକ

ସ୍ୱାଧୀନତା ଦିବସ ସମେତ ହର ଘର ତ୍ରିରଙ୍ଗା ଅଭିଯାନର ସଫଳତାର ସହ ଆୟୋଜନ ପାଇଁ ଗତକାଲି ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଉଭୟ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ସ୍ତରରେ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରିବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗର

ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

## ସୁଭଦ୍ରା ଯୋଜନା

ସ୍ୱାଧୀନତା ଦିବସ ଦିନ ସୁଭଦ୍ରା ଯୋଜନାର ମାର୍ଗଦର୍ଶିକା ପ୍ରକାଶ ପାଇବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି । ଏହି ଯୋଜନାରେ ଲାଭାର୍ଥୀମାନଙ୍କ ସମ୍ପର୍କରେ ସ୍ପଷ୍ଟ ମାର୍ଗଦର୍ଶିକା ଜାରି କରାଯିବ । ରାଜ୍ୟରେ ଆସନ୍ତା ସେପ୍ଟେମ୍ବର ୧୭ତାରିଖରେ ସୁଭଦ୍ରା ଯୋଜନା ଲାଗୁ କରାଯିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି ।

## ମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚାରିଦିନିଆ ଦିଲ୍ଲୀ ଗସ୍ତ କରିଛନ୍ତି । ଦିଲ୍ଲୀରେ ମନ୍ତ୍ରୀ କେନ୍ଦ୍ରମନ୍ତ୍ରୀମାନଙ୍କ ସହ ସାକ୍ଷାତ କରି ରାଜ୍ୟର ବିକାଶ ସମ୍ପର୍କୀତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ଏହି ଅବସରରେ ଶ୍ରୀ ପାତ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ଢେଙ୍କାନାଳରୁ ଯୋରନ୍ଦା, କପିଳାସରୁ ଯାଜପୁର ରୋଡ ସହ ରେଳସଂଯୋଗ ବ୍ୟବସ୍ଥା କରିବା ପାଇଁ ଅବଗତ କରାଇଥିଲେ । ସେହିଭଳି କେନ୍ଦ୍ର ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂଙ୍କୁ ସାକ୍ଷାତ କରି ରାଜ୍ୟରେ ସାଇନ୍ସ ସିଟି, ସାଇନ୍ସ ପାର୍କ ଏବଂ ବାୟୋ ଟେକ୍ନୋଜି ପାର୍କ ପ୍ରତିଷ୍ଠା ପାଇଁ ଆଲୋଚନା

କରିଥିଲେ । ଏଥି ସହ ପଠାଣୀ ସାମନ୍ତ ପ୍ଲାନେଟୋରିୟମର ଉନ୍ନତିକରଣ ପାଇଁ ଆଲୋଚନା ହୋଇଥିଲା ।

## ସମର ଅଭ୍ୟାସ

ପୁରୀ ସମୁଦ୍ର ତଟରେ ଆସନ୍ତା ଡିସେମ୍ବର ୪ତାରିଖରେ ନୌସେନା ଦିବସ ପାଳନ କରାଯିବ । ଏହି ଉପଲକ୍ଷେ ସମର ଅଭ୍ୟାସର ଆୟୋଜନ କରାଯିବ । ଏ ନେଇ ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ ତ୍ରିପାଠୀ ପୁରୀରେ ପହଞ୍ଚି ବ୍ଲୁ ଫ୍ଲାଗ ବିଚ୍‌ରେ ନୌସେନାର ଅଧିକାରୀଙ୍କ ସମୀକ୍ଷା କରିଛନ୍ତି । ସୂଚନା ଅନୁସାରେ ପୁରୀ ବେଳାଭୂମିରେ ପୂର୍ବରୁ ଏୟାର ଶୋ'ର ଆୟୋଜନ କରାଯାଇଥିଲା ।

## କଳାବିକାଶ କେନ୍ଦ୍ରର ପ୍ରତିଷ୍ଠା ଦିବସ

କଟକ ସ୍ଥିତ କଳାବିକାଶ କେନ୍ଦ୍ରର ୭୩ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଚସ୍ପତି ସୁରମା ପାଢୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଉପରେ କଳାବିକାଶ କେନ୍ଦ୍ର ନେତୃତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । କେନ୍ଦ୍ରର ପ୍ରେକ୍ଷାଳୟ ଗୃହରେ ସଭାପତି ବିଜୟାନନ୍ଦ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ଶିକ୍ଷାବିତ୍ ରବୀନ୍ଦ୍ର ନାଥ ମହାନ୍ତି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଏହି ସମାରୋହରେ କେନ୍ଦ୍ରର ପ୍ରସ୍ତୁତି ଏବଂ ବାପୁ ଲେଙ୍କାଙ୍କ ରଚନା ଓ ବର୍ଣ୍ଣନାରେ ଏକ ବୃତ୍ତଚିତ୍ର '୭୩ବର୍ଷର ଗରିମାମୟ ଇତିହାସ' ପ୍ରଦର୍ଶିତ

ହୋଇଥିଲା । ପରେ  କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ବାବୁଲାଲ ଦୋଶୀଙ୍କ ଉପରେ ପର୍ଯ୍ୟବେଶିତ ଏକ ପ୍ରତୀକାତ୍ମକ ନାଟକ 'ସ୍ୱର୍ଣ୍ଣ ତ୍ରିଭୂଜ' ପରିବେଶିତ ହୋଇଥିଲା ।

## ନିଟ୍ ୟୁଜି ପଞ୍ଜୀକରଣ

ଓଡିଶା ରାଜ୍ୟ ମେଡିକାଲ କାଉନସେଲିଂ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି । ନିଟ୍ ୟୁଜି -୨୦୨୪ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆସନ୍ତା ୧୪ତାରିଖ ମଧ୍ୟରେ ପଞ୍ଜୀକରଣ କରିପାରିବେ । ସୂଚନା ଅନୁସାରେ ଆସନ୍ତା ୧୮ତାରିଖରେ ପ୍ରୋଭିଜିନାଲ ଏବଂ ୨୦ତାରିଖରେ ଚୂଡାନ୍ତ ଚୟନ ତାଲିକା ପ୍ରକାଶ ପାଇବ । କାଉନସେଲିଂ ସମ୍ପର୍କୀତ ସମସ୍ତ ତଥ୍ୟ ଛାତ୍ରଛାତ୍ରୀମାନେ ଓଜେଇଇର ୱେବସାଇଟରୁ ପାଇପାରିବେ ।

## ବିଏଡ ନାମଲେଖା

ଚଳିତ ଶିକ୍ଷା ବର୍ଷରେ ବିଏଡ୍, ବିଏଚଏଡ୍ ଏବଂ ଏମ୍ଏଡ୍ ପ୍ରବେଶିକା ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ନାମଲେଖା ପାଇଁ ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟ ଚୟନ ତାଲିକା ପ୍ରକାଶ ପାଇବ । ଏଥିରେ ମନୋନୀତ ଛାତ୍ରଛାତ୍ରୀ ଆସନ୍ତା ୧୩ରୁ ୧୭ତାରିଖ ମଧ୍ୟରେ ନାମ ଲେଖାଇପାରିବେ । ସେପ୍ଟେମ୍ବର ୨୩ତାରିଖରୁ ପାଠପଢା ଆରମ୍ଭ ହେବ ବୋଲି ଜଣାପଡିଛି ।

# ଶିକ୍ଷକ-ଅଭିଭାବକଙ୍କ ବୈଠକ

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକରେ ଚଳିତ ଶିକ୍ଷାବର୍ଷର ଦ୍ୱିତୀୟ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଛାତ୍ରଛାତ୍ରୀମାନଙ୍କ ନିରାପତ୍ତା ବ୍ୟବସ୍ଥାକୁ ନେଇ ଆଲୋଚନା ହୋଇଥିଲା । ଏଥି ସହ ସାଇବର ସୁରକ୍ଷା, ସଚେତନତା, ସ୍ୱଚ୍ଛତା ପକ୍ଷ ପାଳନ, ଇକୋ କ୍ଲବ ଗଠନ, ଛାତ୍ରଛାତ୍ରୀଙ୍କ ନାମଲେଖା ସମ୍ପର୍କରେ ଆଲୋଚନା ହୋଇଥିଲା ।

# ବହୁଭାଷୀ ପ୍ରଶିକ୍ଷଣ ଶିବିର

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଚାରିଦିବସୀୟ ବହୁ ଭାଷୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି । ଭୁବନେଶ୍ୱର ସ୍ଥିତ ଠକ୍କରବାପା ଛାତ୍ରାବାସରେ ପାଠ୍ୟପୁସ୍ତକ, ମୌଳିକ ସାକ୍ଷରତା, ସଂଖ୍ୟାଗାନ ଓ ଜନଜାତି ଭାଷାରେ ସଂଯୋଜନ ଭିତ୍ତିକ ବହୁ ଭାଷୀ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ଯାଜପୁର, କଟକ ଓ ଖୋର୍ଦ୍ଧାଜିଲ୍ଲାରେ ବିଭିନ୍ନ ସେବାଶ୍ରମ ଓ ଆଶ୍ରମ ବିଦ୍ୟାଳୟର ଶିକ୍ଷକ ଓ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ ।